# 3rd India-Costa Rica Foreign Office Consultations

September 17, 2021

## ଭାରତ-କୋଷ୍ଟାରିକା ମଧ୍ୟରେ ତୃତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ସେପ୍ଟେମ୍ବର 17, 2021**

ଭାରତ ଏବଂ କୋଷ୍ଟାରିକା ମଧ୍ୟରେ ତୃତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 16 ସେପ୍ଟେମ୍ବର 2021 ରେ ସାନ୍ ଜୋସ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବ) ଶ୍ରୀମତୀ ରିଭା ଗାଙ୍ଗୁଲି ଦାସ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ ଏବଂ କୋଷ୍ଟାରିକା ବୈଦେଶିକ ସମ୍ପର୍କ ଏବଂ ଉପାସନା ମନ୍ତ୍ରଣାଳୟର ଦ୍ୱିପାକ୍ଷିକ ବ୍ୟାପାର ତଥା ଆନ୍ତର୍ଜାତୀୟ ସହଯୋଗ ଉପମନ୍ତ୍ରୀ ଶ୍ରୀମତୀ ଆଡ୍ରିଆନା ବୋଲାନୋସ୍ ଆର୍ଗୁଏଟା କୋଷ୍ଟାରିକା ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

2. ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରିଥିଲେ ଏବଂ ଏପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିରେ ସନ୍ତୋଷ ବ୍ୟକ୍ତ କରିଥିଲେ। ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ସ୍ୱାସ୍ଥ୍ୟ ଏବଂ ଔଷଧୀୟ ସାମଗ୍ରୀ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ବିକାଶ ସହଭାଗୀତାରେ ସହଯୋଗକୁ ମଜବୁତ କରିବାକୁ ସେମାନେ ସହମତ ହୋଇଥିଲେ। କୋଷ୍ଟାରିକା ପକ୍ଷ ଭାରତୀୟ ପେସାଦାରଙ୍କ ସ୍ତ୍ରୀ ଏବଂ ନିର୍ଭରଶୀଳଙ୍କ ସମେତ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଭିସା ପ୍ରକ୍ରିୟାକୁ ସହଜ କରିବାକୁ ବିଚାର କରିବାକୁ ରାଜି ହୋଇଥିଲେ।

3. ଉଭୟ ପକ୍ଷ ମଧ୍ୟରେ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

4. ଭାରତୀୟ ପ୍ରତିନିଧି ଦଳ କୋଷ୍ଟାରିକାର ବୈଦେଶିକ ସମ୍ପର୍କ ତଥା ଉପାସନା ମନ୍ତ୍ରୀ ମାନ୍ୟବର ରୋଡୋଲ୍ଫୋ ସୋଲାନୋ କ୍ୱିରସଙ୍କୁ ଭେଟିଥିଲେ ଏବଂ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବହୁପକ୍ଷୀୟ ସହଯୋଗକୁ ଆହୁରି ମଜବୁତ କରିବା ଉପରେ ମତ ବିନିମୟ କରିଥିଲେ।

5. ଏକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ପାରସ୍ପରିକ ସୁବିଧାଜନକ ଦିନରେ ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ସାନ୍ ଜୋସ୍**

**ସେପ୍ଟେମ୍ବର 17, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.